# ତହସିଲଦାର, ସଦର,ସମ୍ବଲପୁରଙ୍କ ଅଦାଲତ

**ଜମି ହସ୍ତାନ୍ତର ବିବିଧ ମୋକଦ୍ଦମା (LRC (DR) Misc. Case) ନଂ: ୦୫/୨୦୨୩**

## ସର୍ବସାଧାରଣ ଇସ୍ତାହାର

ପି. ଆର. ନଂ. 1141

ତାରିଖ : 03/05/2023

ଏତଦ ଦ୍ଵାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି, ଯେ ମୌଜା ସମ୍ବଲପୁର ଟାଉନ ୟୁ ନଂ ୮, ବଡ଼ବଜାର ଅନ୍ତର୍ଗତ ନିମ୍ନ ତଫସିଲଭୁକ୍ତ ସରକାରୀ ଜମିକୁ ନୂଆ-ଗୁଜାତଳ ରେ ଥିବା ବସ୍ତିବାସିନ୍ଦା ମାନଙ୍କୁ ଓଡିଶା ମହାନଗର ନିଗମ ଅଧିନିୟମ ୨୦୦୩ ଓ ସଂଶୋଧିତ ଆଇନ ୨୦୨୨ ଅନୁଯାୟୀ ଭୂମି ଅଧିକାର ପ୍ରମାଣପତ୍ର ଦେବା ନିମନ୍ତେ ପ୍ରସ୍ତାବ ନିମ୍ନସାକ୍ଷାରକାରୀଙ୍କ ଅଦାଲତ ରେ ବିଚାରାଧିନ ରହିଛି।ଆବେଦନ କରାଯାଇ ଥିବା ଜମି ରକ୍ଷିତ ଖାତାରେ ରେକର୍ଡଥିବା ରୁ, ଏହାକୁ ଓଡିଶା ସରକାରୀ ଜମି ବନ୍ଦୋବସ୍ତ ଅଧିନିୟମ, ୧୯୬୨ ର ଧାରା ୩ (କ) ମତେ ସଂରକ୍ଷଣ ବିମୋଚନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଅଛି।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷ ଙ୍କ ର କିଛି ଆପତ୍ତି ଅଭିଯୋଗ ଥାଏ ତେବେ ଏହି ଇସ୍ତାହାର ଜାରି ହେବାର ୧୫ ଦିନ ମଧ୍ୟରେ ନିଜେ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଲିଖିତଆକାର ରେ ଆପତ୍ତି ଦରଖାସ୍ତ ଟ.୨୦.୦୦ କୋର୍ଟ ଫିଜ ଦେଇ ନିମ୍ନ ସାକ୍ଷ୍ୟରକାରୀ ଅଦାଲତ ରେ ଆପତ୍ତି କଲେ ନିୟମାନୁଯାୟୀ ବିଚାର କୁ ନିଆଯିବ । ନିର୍ଧାରିତ ସମୟ ଅତିବାହିତ ପରେ ଆପତ୍ତି କଲେ କାହାରି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ ।

**LAND SCHEDULE**

**Mouza Lambdungri**

| Sl No. | Khata No | Plot No | Area (Ac.) | Proposed Area (Ac.) | Present Kissam | Proposed Kisam | Slum |
|---|---|---|---|---|---|---|---|
| 1 | 217 (Rakhit) | 366(P) | 25.120 | 3.900 | Gochar | Patit | Nuagujatal |
| **Total** | | | **21.720** | **4.300** | | | |

ତହସିଲଦାର,
ସଦର, ସମ୍ବଲପୁର

ଜ୍ଞାପକ ସଂଖ୍ୟା 1142 ତା 03/05/2023

ଏହାର ଏକ କିତା ନକଲ ଆୟୁକ୍ତ, ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର / ସଚିବ, ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର ଏବଂ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା।

ତହସିଲଦାର,
ସଦର, ସମ୍ବଲପୁର

ଜ୍ଞାପକ ସଂଖ୍ୟା 1143 ତା 03/05/2023

ଏହାର ଏକ କିତା ନକଲ ଜିଲ୍ଲା ସୂଚନା ଅଧିକାରୀ (District Informatics Officer, NIC, Sambalpur) ଙ୍କ ଅବଗତି ଓ ବିହିତ କାର୍ଯ୍ୟନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।ଉପରୋକ୍ତ ସର୍ବସାଧାରଣ ଇସ୍ତାହାର କୁ ଜିଲ୍ଲା କାର୍ଯ୍ୟାଳୟ ୱେବସାଇଟ ରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା।

ତହସିଲଦାର,
ସଦର, ସମ୍ବଲପୁର